# ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଫେଷ୍ଟିଭାଲ-୨୦୧୮ ଉଦ୍‌ଯାପିତ

## ଓଡ଼ିଶୀ ଓ ବଂଶୀର ଯୁଗଳବନ୍ଦୀ



କଟକ,୧୦।୧୧(ମ.ପ୍ର): ବଂଶୀସ୍ୱନର ତାଳେତାଳେ ଶିଳ୍ପୀଙ୍କ ଛନ୍ଦରେ ଦର୍ଶକ ହୋଇଥିଲେ ବିଭୋର; ଯେବେ ବାଦ୍ୟ ଓ ନୃତ୍ୟର ଏହି ଯୁଗଳବନ୍ଦୀ ପରିବେଷିତ ହୋଇଥିଲା ସହିଦଭବନର ପ୍ରେକ୍ଷାଗୃହରେ। ଏଠି ଚାଲିଥିବା ତିନିଦିନିଆ ଉତ୍ସବ 'ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଫେଷ୍ଟିଭାଲ-୨୦୧୮'ର ଉଦ୍‌ଯାପନୀ ସନ୍ଧ୍ୟା ମଙ୍ଗଳବାରରେ ଏହା ପରିବେଷିତ ହୋଇଥିଲା। ନୃତ୍ୟଗୁରୁ ମୀରା ଦାସଙ୍କ ଦ୍ୱାରା ଆୟୋଜିତ ଏହି ଉତ୍ସବର ଅନ୍ତିମ ସନ୍ଧ୍ୟାରେ ବିଧାୟକ ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ବଲିଉଡ୍ କଳାକାର ମହେଶ ଠାକର, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଈଶାନ କୁମାର ପାତ୍ର ଓ ବରିଷ୍ଠ ଗୀତିକାର ଦେବଦାସ ଛୋଟରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗାୟତ୍ରୀ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ସମ୍ମାନଜନକ 'ନିବେଦିତା ପଟ୍ଟନାୟକ ସମ୍ମାନ-୨୦୧୮' ପ୍ରଦାନ କରାଯାଇଥିଲା। ବିଜୟ ମଲ୍ଲ ଓ ସିନ୍ଧୁ ବ୍ରାଉନ୍‌ଙ୍କ ସଂଯୋଜନାରେ ଆୟୋଜିତ ଏହି ନୃତ୍ୟ ଓ ସଂଗୀତ ସନ୍ଧ୍ୟାରେ ବେଙ୍ଗାଲୁରୁର ଶିଳ୍ପୀ ଆନନ୍ଦ ପ୍ରସନ୍ନ ପଟ୍ଟନାୟକ ଚମତ୍କାର ବଂଶୀବାଦନ କରିଥିଲେ। ପୁଣି ଓଡ଼ିଶୀ ନୃତ୍ୟ ଓ ବଂଶୀ ବାଦନର ଯୁଗଳବନ୍ଦୀ 'ଆନ୍ ଅନ୍‌ନୋନ୍ ଜର୍ଣ୍ଣି'ର ପରିବେଷଣରେ ଦର୍ଶକ ହୋଇଥିଲେ ମୁଗ୍ଧ। ଗୁରୁ ମୀରା ଦାସ ପରିବେଷଣ କରିଥିଲେ ନୃତ୍ୟାଭିନୟ 'ସଖି ହେ' ଓ ଗୁଞ୍ଜନ୍ ଶିଳ୍ପୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା 'ପଦବନ୍ଦେ'।